## ସଂକ୍ଷେପରେ

### ମେରୁ ଯାତ୍ରାରେ ଯୁବତୀଙ୍କୁ ଅସଦାଚରଣ: ୨ ଗିରଫ

ବ୍ରହ୍ମପୁର,୧୫।୪(ସୁବାସ ଚନ୍ଦ୍ର ପାଢ଼ୀ): ବଡ଼ବଜାର ଥାନା ପାଣିଗ୍ରାହୀ ପେଣ୍ଠଠାରେ ଚାଲିଥିବା ମେରୁ ଯାତ୍ରାରେ ଜଣେ ଯୁବତୀଙ୍କୁ ଅସଦାଚରଣ ହୋଇଥିଲା। ଏହାର ପ୍ରତିବାଦ କରିଥିବା ତାଙ୍କ ଭାଇଙ୍କୁ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଗଣପତିନଗର ପ୍ରଥମ ଲାଇନର ଓମ ସାହୁ(୧୯) ଓ ପ୍ରଭାତ ସାହୁ(୨୨)। ନଂ.୨୪୮/୨୬ ରେ ଏକ ମାମଲା ରୁଜୁ କରାଯାଇ ସେମାନଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଛି। ପାଣିଗ୍ରାହୀ ପେଣ୍ଠରେ ମେରୁ ସଂକ୍ରାନ୍ତି ଚାଲିଥିବା ବେଳେ ପ୍ରବଳ ଭିଡ ହୋଇଥିଲା । ଏହାର ସୁଯୋଗ ନେଇ ଅଭିଯୁକ୍ତ ଓମ ସାହୁ ସେଠାକୁ ଯାତ୍ରା ଦେଖିବାକୁ ଆସିଥିବା ଜଣେ ଯୁବତୀଙ୍କୁ ଉଦ୍ଦେଶ୍ୟମୂଳକ ଭାବେ ଅସଦାଚରଣ କରିଥିଲେ । ଯୁବତୀ ଜଣକ ଏହାର ପ୍ରତିବାଦ କରିବାରୁ ଓମ ତାଙ୍କ ଚୁଟି ଭିଡ଼ିବା ସହ ମାଡ ମାରିବାକୁ ଧମକ ଦେଇଥିଲେ । ଏହାପର ଦିନ ଯୁବତୀଙ୍କ ଭାଇ ନିଜର ପଇତା ବାହାର କରିବାକୁ ମନ୍ଦିର ଯାଇଥିବା ବେଳେ ଅଭିଯୁକ୍ତ ଓମ ତାଙ୍କୁ ଗାଳିଗୁଲଜ କରିଥିଲେ । ସେ ଏହାର ପ୍ରତିବାଦ କରିବାରୁ ଅଭିଯୁକ୍ତମାନେ ତାଙ୍କୁ ଏକ ଇଟା ଏବଂ ହାତରେ ପିନ୍ଧିଥିବା ବ୍ରେସଲେଟ ସାହାଯ୍ୟରେ ଆକ୍ରମଣ କରିଥିଲେ । ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିବା ସହ ଆଖି ଓ ଆଙ୍ଗୁଠିରେ ମଧ୍ୟ କ୍ଷତ ସୃଷ୍ଟି ହୋଇଥିଲା । ଘଟଣାକୁ ନେଇ ଯୁବତୀଙ୍କ ଭାଇ ଲିଖିତ ଅଭିଯୋଗ କରିବା ପରେ ବଡବଜାର ଥାନାରେ ଏସଂକ୍ରାନ୍ତରେ ଏକ ମାମଲା ରୁଜୁ ହୋଇଥିଲା । ପୋଲିସ ଚଢ଼ାଉ କରି ପାଣିଗ୍ରାହୀପେଣ୍ଠ ଅଞ୍ଚଳରୁ ଉପରୋକ୍ତ ଅଭିଯୁକ୍ତଙ୍କୁ କାବୁ କରିଥିଲା।

### ଆମ୍ବେଡକରଙ୍କ ଜୟନ୍ତୀ

ଆସିକା ୧୫।୪ (ସୁରେନ୍ଦ୍ର ନାଥ ସାହୁ) ଆସିକା ଟାଉନ ହଲ୍ ପରିସରରେ ମଙ୍ଗଳବାର ଅପରାହ୍ନରେ ବାବା ସାହେବ ଆମ୍ବେଡକରଙ୍କ ୧୩୫ତମ ଜୟନ୍ତୀ ଉତ୍ସବ ପାଳିତ ହୋଇଛି। ଜ୍ୟୋତିବା ଫୁଲେ-ଆମ୍ବେଡକର ଚେତନା ମଞ୍ଚ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଶଙ୍କର ଇନକ୍ଲାବ ଅଧ୍ୟକ୍ଷତା କରିଥିଲେ। ଏତଦ୍ ଅବସରରେ ଅମାନବୀୟ ଜାତି ପ୍ରଥା ଉପରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଆଲୋଚନା ଚକ୍ରରେ ଆମ୍ବେଡକର ବିଚାର ମଞ୍ଚର ସମ୍ପାଦକ ଅମର ନାହାକ, ଶିକ୍ଷକ ନେତା ଅଭିମନ୍ୟୁ ନାହାକ, ଭିମା ଆର୍ମିର ଭବାନୀ ଭୂଷଣ ଦାସ, ନାରୀ ନେତ୍ରୀ ରୁନୁ ନାହାକ, ସସ୍ମିତା ନାହାକ, ହାର ନାହାକ, ଶିବରାମ ନାୟକ, ଅଭିମନ୍ୟୁ ବେହେରା, ଲକ୍ଷ୍ମୀ ସ୍ୱାଇଁ ପ୍ରମୁଖ ଅଂଶଗ୍ରହଣ କରି ଅମାନବୀୟ ଜାତିପ୍ରଥା ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଏଭଳି ପରିସ୍ଥିତିର ବିଲୋପ ପାଇଁ ଆମ୍ବେଡକରଙ୍କ ୩ଟି ନୀତି ଜାତିଭିତ୍ତିକ ବୃତ୍ତି ପରିତ୍ୟାଗ ଓ ପୃଥକ ସଂପ୍ରଦାୟରେ ବସତି ସ୍ଥାପନ, ପ୍ରତ୍ୟେକ ଦଳିତ ପରିବାର ପାଇଁ ରୋଜଗାରକୁ ସୁନିଶ୍ଚିତ କରିବା, ଆନ୍ତଃଜାତି ବିବାହ, ଅଂଶିଦାର ଭୋଜନ ଏବଂ ସାମାଜିକ ଏକିକରଣ ପ୍ରୋତ୍ସାହିତ କରିବା ସହ ଜାତିଭିତ୍ତିକ ନାମ ହଟାଇବା ଏବଂ ଜାତି ସଂଗଠନକୁ ଭାଙ୍ଗିବା ଉପରେ ବକ୍ତାମାନେ ଗୁରୁତ୍ୱାରୋପ କରିଥିଲେ।

### ଯୁବକଙ୍କ ମୃତଦେହ ଜବତ

ଆସିକା ୧୫।୪ (ସୁରେନ୍ଦ୍ର ନାଥ ସାହୁ) ଆସିକା କଳିଙ୍ଗା ରୋଡ ଟେଲିଫୋନ ଭବନ ସମ୍ମୁଖରେ ଏକ ପାର୍କ ନିକଟରୁ ବୁଧବାର ଅପରାହ୍ନରେ ଜଣେ ଯୁବକଙ୍କ ମୃତଦେହ ଜବତ ହୋଇଛି । ସେ ହେଲେ କବିସୂର୍ଯ୍ୟନଗର ଥାନା ଅନ୍ତର୍ଗତ ସିନ୍ଧୁରିଆପଡା ଗ୍ରାମର ପିଣ୍ଟୁ ଖଣ୍ଡୁଆଳ (୨୮)। ତେବେ କେଉଁ ପରିସ୍ଥିତିରେ ତାଙ୍କର ମୃତ୍ୟୁ ହେଲା ତାହା ସ୍ପଷ୍ଟ ହୋଇ ନ ଥିଲା ବେଳେ ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

# ଆଦର୍ଶ ଆଚରଣ ସଂହିତା ଲାଗୁ ବିରୋଧରେ ବିକ୍ଷୋଭ

ବ୍ରହ୍ମପୁର,୧୫।୪(ସୁବାସ ଚନ୍ଦ୍ର ପାଢ଼ୀ) ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଗତ ୧୦ ତାରିଖ ରାଜ୍ୟର ସମସ୍ତ କଲେଜ,ବିଶ୍ୱବିଦ୍ୟାଳୟମାନଙ୍କରେ ଛାତ୍ର-ଶିକ୍ଷକ ବିରୋଧୀ ଅଗଣତାନ୍ତ୍ରିକ ଆଦର୍ଶ ଆଚରଣ ସଂହିତା ଲାଗୁ କରାଯାଇଛି । ଏହା ଦ୍ୱାରା କ୍ୟାମ୍ପସ ମଧ୍ୟରେ କୌଣସି ସଭା, ସମିତି, ସମାବେଶ, ଆନ୍ଦୋଳନ କିମ୍ବା ହରତାଳ କରିବାକୁ ହେଲେ କର୍ତ୍ତୃପକ୍ଷଙ୍କ ଠାରୁ ଅନୁମତି ଆଣିବାକୁ ହେବ। ତେଣୁ ଏହାକୁ ବିରୋଧ କରି ଅଲ ଇଣ୍ଡିଆ ଡେମୋକ୍ରାଟିକ ଷ୍ଟୁଡେଣ୍ଟସ ଅର୍ଗାନାଇଜେସନ(ଏଆଇଡିଏସଓ) ଗଞ୍ଜାମ ଜିଲା କମିଟି ପକ୍ଷରୁ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶିତ ହୋଇଛି। ନୂଆ ସରକାର କ୍ଷମତାକୁ ଆସିବାପରେ ରାଜ୍ୟର ଉଚ୍ଚଶିକ୍ଷା ବ୍ୟବସ୍ଥା ରସାତଳଗାମୀ



ଏଆଇଡିଏସଓ ଛାତ୍ରୀଛାତ୍ର ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ହୋଇଛି। ଶିକ୍ଷା ଓ ସଭ୍ୟତା ବିରୋଧୀ ଜାତୀୟ ଶିକ୍ଷା ନୀତି-୨୦୨୦କୁ ଲାଗୁ କରାଯାଇଛି। ଫଳରେ ପାଠପଢ଼ା ଓ ପରୀକ୍ଷା ଫଳ ପ୍ରକାଶନରେ ବ୍ୟାପକ ଅବ୍ୟବସ୍ଥା ସୃଷ୍ଟି ହୋଇଛି। ବହୁ ଅଧ୍ୟାପକ, ପ୍ରଫେସର ଓ ଶିକ୍ଷା କର୍ମଚାରୀ ପଦବୀ ଖାଲି ପଡ଼ିବା ଓ ଫି' ବୃଦ୍ଧି, ବିଭିନ୍ନ ସାଧାରଣ କୋର୍ସକୁ ସେଲ୍ଫଫାଇନାନ୍ସରେ ପରିଣତ କରିବା, ହଷ୍ଟେଲ ଅଭାବ, ଲାଇବ୍ରେରୀ ଓ ଲାବୋରେଟାରୀର ଅବ୍ୟବସ୍ଥା, ଗବେଷଣାର ଅନୁଦାନ ହ୍ରାସ ଭଳି ବହୁବିଧ ସମସ୍ୟା ଆହୁରି ଜଟିଳ ରୂପ ଧାରଣ କରିଛି। ରାଜ୍ୟରେ ଶିକ୍ଷାଦାନ ବ୍ୟବସ୍ଥା ଏକ ପ୍ରକାର ବନ୍ଦ ହେବାକୁ ବସିଲାଣି। ଏଣୁ ଏହି ସମସ୍ୟା ବିରୋଧରେ ଛାତ୍ରୀଛାତ୍ରମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଗୋଟିଏ ପଟେ ଛାତ୍ରସଂସଦ ନିର୍ବାଚନକୁ ବନ୍ଦ କରି ଦେଇଛନ୍ତି ଏବଂ ଅନ୍ୟପଟେ ହିଟଲରୀ ଶାସନ ଚାଲିଛି ବୋଲି ଏଆଇଡିଏସଓ ଅଭିଯୋଗ କରିଛି। ତେଣୁ ଏହି ଧରଣର ଅତ୍ୟନ୍ତ ଶିକ୍ଷା ସଭ୍ୟତା ବିରୋଧୀ ଆଚରଣ ସଂହିତାକୁ ତୁରନ୍ତ ପ୍ରତ୍ୟାହାର କରିବା ପାଇଁ ସଂଗଠନ ପକ୍ଷରୁ ଦୃଢ଼ ଦାବି କରାଯାଇଛି। ବିକ୍ଷୋଭରେ ସଂଗଠନର ଜିଲା ସଭାପତି ନିମାଇଁ ଚରଣ ସାହୁ, ଜିଲା ଉପ-ସଭାପତି ପପୁନ ସାହୁ, ଜିଲା କୋଷାଧ୍ୟକ୍ଷ କିଷାନ କୁମାର ସାହୁ, ଜିଲା କମିଟି ସମ୍ପାଦକ ମଣ୍ଡଳୀ ସଦସ୍ୟା ଶୁଭସ୍ମିତା ପାଣିଗ୍ରାହୀ ଓ କାମରାଜୁ ସାହୁଙ୍କ ସମେତ ଅନେକ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ବିଧାୟକଙ୍କ ପକ୍ଷରୁ ବ୍ରହ୍ମପୁରରେ ବାଇକ ଶୋଭାଯାତ୍ରା

ବ୍ରହ୍ମପୁର,୧୫।୪(ସୁବାସ ଚନ୍ଦ୍ର ପାଢ଼ୀ) ହନୁମାନ ଜୟନ୍ତୀ ଓ ଓଡ଼ିଆ ନବବର୍ଷ ପାଇଁ ବ୍ରହ୍ମପୁର ବିଧାୟକ କେ.ଅନୀଲ କୁମାରଙ୍କ ପକ୍ଷରୁ ଏକ ବାଇକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ଉକ୍ତ ଶୋଭାଯାତ୍ରା ଫାଷ୍ଟ ଗେଟ ସ୍ଥିତ ବିନାୟକ ଆଚାର୍ଯ୍ୟ କଲେଜ ପରିସରରୁ ବାହାରି ବାଲୁଙ୍କେଶର ମନ୍ଦିର ଛକ ଦେଇ ବଡ଼ବଜାର, ସାନ ବଜାର, ହନୁମାନ ବଜାର, ଗିରି ମାର୍କେଟ, ଗିରିଜା ଛକ,ଅନ୍ନପୂର୍ଣ୍ଣା ମାର୍କେଟ, ଫାୟର ଷ୍ଟେସନ ରୋଡ, ଖଲ୍ଲିକୋଟ କଲେଜ, ବିଜିପୁର ଛକ ଦେଇ ଉତ୍ତରେଶ୍ୱର ମନ୍ଦିର ଠାରେ ସମାପ୍ତ ହୋଇଥିଲା । ଏହି ଶୋଭାଯାତ୍ରାରେ ଘୋଡା ନାଚ,ବାଘ ନାଚ, ପ୍ରାୟ ୨୦୦୦ ବାଇକ, ୫୦ କାର ଏବଂ ପଦଯାତ୍ରାରେ ଅନେକ ହନୁମାନ ଭକ୍ତ ସାମିଲ ଥିଲା । ଶୋଭାଯାତ୍ରା ସମୟରେ ସମଗ୍ର ବ୍ରହ୍ମପୁର ସହର ଜୟ ବୀର ହନୁମାନ ନାରାରେ ପ୍ରକମ୍ପିତ ହୋଇଥିଲା। ଏହି ଶୋଭାଯାତ୍ରାରେ


ବାଇକ ରାଲିରେ ବିଧାୟକଙ୍କ ସହ ଅନ୍ୟମାନେ।

ବିଧାୟକ ପ୍ରତିନିଧି ପ୍ରଦୀପ ନାୟକ, ଅଶୋକ ଶୁକ୍ଳ,ଶିବ ପ୍ରସାଦ ଦାଶ , ବରିଷ୍ଠ ନେତା ବଦ୍ରିନାରାୟଣ ନାୟକ, ଶରତ ପଟ୍ଟନାୟକ,ସଞ୍ଜୟ ଜେନା, ଅନଙ୍ଗ ପଣ୍ଡା,ସନ୍ଦୀପ ସାହୁଙ୍କ ସମେତ ବ୍ରହ୍ମପୁର ନିର୍ବାଚନ ମଣ୍ଡଳୀର ୭ ମଣ୍ଡଳର ସଭାପତି, ନାରୀ ନେତ୍ରୀ ସବିତା ସୁଆର, ମନିତା ଦାଶ, କର୍ପୋରେଟର ସବିତା ସାହୁଙ୍କ ସମେତ ଭଜେପା କର୍ମକର୍ତ୍ତା ସାମିଲ ଥିଲେ।

# ଭଞ୍ଜନଗର କେଭିର ପାସ୍ ହାର ଶତପ୍ରତିଶତ

## କେଭିରେ ବ୍ୟୋମକେଶ, ସେଣ୍ଟ ଆନ୍ସ ବିଦ୍ୟାଳୟରେ ଶ୍ରେୟା ପ୍ରଥମ

ଭଞ୍ଜନଗର,୧୫।୪(ବାବୁଲା ପ୍ରଧାନ):

**ସିବିଏସ୍‌ଇ ଦଶମ ଶ୍ରେଣୀ ପରୀକ୍ଷା ଫଳ**

ସିବିଏସ୍‌ଇ ଦଶମ ଶ୍ରେଣୀ ପରୀକ୍ଷା ଫଳ ବୁଧବାର ପ୍ରକାଶ ପାଇଛି। ଚଳିତବର୍ଷ ଭଞ୍ଜନଗର କେନ୍ଦ୍ରୀୟ ବିଦ୍ୟାଳୟରେ ପାସ୍‌ହାର ଶତ ପ୍ରତିଶତ ହୋଇଛି। ମୋଟ ୪୧ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ସମସ୍ତେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଅଧ୍ୟକ୍ଷ ପ୍ରଦୀପ କୁମାର କମାନୁ ଏବଂ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କ ପ୍ରଚେଷ୍ଟା ଏବଂ ଅଭିଭାବକମାନଙ୍କ ସହଯୋଗ ପାଇଁ ଏହି ସଫଳତା ମିଳିଛି। ବ୍ୟୋମକେଶ ପ୍ରଧାନ ୯୭ ପ୍ରତିଶତ ମାର୍କ ରଖି ବିଦ୍ୟାଳୟରେ ଶୀର୍ଷ ସ୍ଥାନ ଅଧିକାର କରିଛନ୍ତି। ସେହିପରି ସୁପ୍ରିୟା ମଲ୍ଲିକ ଓ ଏସ.ଏନ. ବାଙ୍କେ ବିହାରୀ ସ୍ୱାଇଁ ୯୬.୬ ପ୍ରତିଶତ ମାର୍କ ରଖି ବିଦ୍ୟାଳୟ ସ୍ତରରେ ଯୁଗ୍ମ ଦ୍ୱିତୀୟ ସ୍ଥାନରେ ଥିବା ବେଳେ ସୁମିତ ପ୍ରଧାନ ୯୫.୮ ପ୍ରତିଶତ ନମ୍ବର ରଖିଛନ୍ତି। ପ୍ରତୀକ ପଟ୍ଟନାୟକ ୯୪. ୮ ପ୍ରତିଶତ , ସମୀକ୍ଷା ଶତପଥୀ ୯୪ ପ୍ରତିଶତ, ସାର୍ଥକ ଶତପଥୀ ୯୩. ୬ ପ୍ରତିଶତ, ବିଦ୍ୟାଶ୍ରୀ ବିଭୁନନ୍ଦିନୀ ଗୌଡ଼ ୯୨. ୮ ପ୍ରତିଶତ ଓ ମୟୁରୀ ଚନ୍ଦ୍ରିକା ସାହୁ ୯୨. ୬ ପ୍ରତିଶତ ନମ୍ବର ରଖିଛନ୍ତି। ଅଧ୍ୟକ୍ଷ ସମସ୍ତ କୃତୀ


ବ୍ୟୋମକେଶ ପ୍ରଧାନ।


ଶ୍ରେୟା ସ୍ମୃତି ପ୍ରଧାନ।

ଛାତ୍ରୀ ଛାତ୍ରଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

ସେହିଭଳି ଭଞ୍ଜନଗର ସେଣ୍ଟ ଆନ୍ସ ଉଚ୍ଚ ବିଦ୍ୟାଳୟର ପରୀକ୍ଷା ଫଳ ମଧ୍ୟ ଭଲ ହୋଇଛି। ବିଦ୍ୟାଳୟର ଟପ ୧୦ ତାଲିକାରେ ଶ୍ରେୟା ସ୍ମୃତି ପ୍ରଧାନ ୯୫ ପ୍ରତିଶତ ମାର୍କ ସହିତ ବିଦ୍ୟାଳୟ ସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଦ୍ୱିତୀୟ ସ୍ଥାନରେ ପ୍ରତୀକ କୁମାର ଗୌଡ ୯୩.୬ ଓ ତୃତୀୟ ସ୍ଥାନରେ ରଞ୍ଜିତା ମହାପାତ୍ର ୯୩.୪ ପ୍ରତିଶତ ନମ୍ବର ରଖିଛନ୍ତି। ସେହିପରି ସାଇ ଶ୍ରିୟା ୮୯ ପ୍ରତିଶତ ସହିତ ଚତୁର୍ଥ ସ୍ଥାନରେ ଥିବା ବେଳେ ଅରବିନ୍ଦ ୮୮.୪ ପ୍ରତିଶତ ନମ୍ବର ରଖି ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି। ଗୀତାଞ୍ଜଳି ୮୭.୪, ମନିଷା (୮୭.୨), କୃତିକା (୮୬.୮), ସିମ୍ରନ (୮୬.୮), ଆୟୁଷ ସେଠୀ (୮୬.୪) ଓ ଏଞ୍ଜେଲା (୮୫.୪) ପ୍ରତିଶତ ମାର୍କ ରଖିଛନ୍ତି। ବିଦ୍ୟାଳୟ ପକ୍ଷରୁ ସମସ୍ତ ଛାତ୍ରୀ ଛାତ୍ରଙ୍କୁ ଅଭିନନ୍ଦନ ଜଣାଯାଇଛି ।

# ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ ଓଡ଼ିଆ ପକ୍ଷ ଉଦ୍‌ଯାପିତ

ବ୍ରହ୍ମପୁର,୧୫।୪(ସୁବାସ ଚନ୍ଦ୍ର ପାଢ଼ୀ) ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ ଚଉଦ ଦିନ ବ୍ୟାପୀ ପାଳିତ ହେଉଥିବା ଓଡ଼ିଆ ପକ୍ଷ ଉଦଯାପିତ ହୋଇଛି। ପ୍ରଥମ ଦିବସ 'ଓଡ଼ିଶା ଦିବସ'ରେ ପ୍ରଫେସର ବିଷ୍ଣୁଚରଣ ଚୌଧୁରୀ ମୁଖ୍ୟ ଅତିଥି, ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ଡ. ମନୋଜ କୁମାର ପଟ୍ଟନାୟକ, କୁଳସଚିବ ପାର୍ବତୀ ମଞ୍ଜରୀ ମହାଲିକ, ଉପକୁଳସଚିବ ଡ. ପ୍ରଶାନ୍ତ କୁମାର ନରେନ୍ଦ୍ର, ଛାତ୍ରକଲ୍ୟାଣ ଅଧିକାରୀ ଡ. ଉଷାରାଣୀ ରଥ ଉପସ୍ଥିତ ଥିଲେ । ଦ୍ୱିତୀୟ ଓ ତୃତୀୟ ଦିବସ 'ପାରମ୍ପରିକ ପୋଷାକ ପରିଧାନ ଦିବସ', ଚତୁର୍ଥ ଦିବସରେ ଓଡ଼ିଆରେ ନାମ ଫଳକ ଲେଖିବାକୁ ପ୍ରୋତ୍ସାହନ କରାଯାଇଥିଲା । ପଞ୍ଚମ ଦିବସରେ 'ଐତିହ୍ୟ ଗଣଦୌଡ଼' , ଷଷ୍ଠ ଦିବସରେ ସ୍ୱଚ୍ଛତା ଅଭିଯାନ, ଅଷ୍ଟମ ଦିବସରେ 'ରକ୍ତଦାନ ଶିବିର' ହୋଇ ପ୍ରାୟ ୪୦ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ନବମ ଦିବସରେ 'ଆସ ବହିଟିଏ କିଣିବା' କାର୍ଯ୍ୟକ୍ରମରେ ଜିଲାର ପ୍ରକାଶକ ଓ ବିକ୍ରେତା 'ତାରା ତାରିଣୀ ପୁସ୍ତକାଳୟ' ଆନୁକୂଲ୍ୟରେ ପୁସ୍ତକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ଦଶମ ଦିବସରେ 'ଲୋକକଳା ପାଇଁ ଦିନଟିଏ', ଏକାଦଶ ଦିବସରେ 'ଅମୃତ ପିଢ଼ି ସାରସ୍ୱତ ସମାରୋହ', ଦ୍ୱାଦଶ ଦିବସରେ 'ବନ୍ଦନୀୟ ବରପୁତ୍ର' କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ପ୍ରଫେସର ଅମୀୟ କୁମାର ପରିଚ୍ଛା, ଅଧ୍ୟାପକ କିଶୋର କୁମାର ବେହେରା, ଡ. ରାଜେନ୍ଦ୍ର କୁମାର ବିଷୋୟୀ ଓଡ଼ିଶାର ବରପୁତ୍ରଙ୍କ ସମ୍ପର୍କରେ କହିଥିଲେ। କାର୍ଯ୍ୟକ୍ରମ ସଂଯୋଜନା ଡ. ମନୋରଞ୍ଜନ ବିଷୋୟୀ କରିଥିବା ବେଳେ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ଡ. ମନୋଜ କୁମାର ପଟ୍ଟନାୟକ, ଡ. ପ୍ରଶାନ୍ତ କୁମାର ନରେନ୍ଦ୍ର, ଡ. ଉଷାରାଣୀ ରଥ ପ୍ରମୁଖ ମଂଚାସୀନ ରହି ବନ୍ଦନୀୟ ବରପୁତ୍ର ମାନଙ୍କ ସ୍ମୃତିଚାରଣ କରିଥିଲେ। କାର୍ଯ୍ୟକ୍ରମ ଅବସରରେ ବହୁ ଛାତ୍ରଛାତ୍ରୀ ମଧ୍ୟ ଓଡ଼ିଶାର ବରପୁତ୍ରମାନଙ୍କ ସମ୍ପର୍କରେ ସ୍ୱରଚିତ ପ୍ରବନ୍ଧ ଉପସ୍ଥାପନ କରିଥିଲେ। ତ୍ରୟୋଦଶ ଦିବସରେ 'ଆମରୁଚି ଆମ ଖାଦ୍ୟ',ଅନ୍ତିମ ଦିବସ 'ଓଡ଼ିଆ ନବବର୍ଷ' ଉପଲକ୍ଷେ ଛାତ୍ରଛାତ୍ରୀଙ୍କ ଦ୍ୱାରା ପାରମ୍ପରିକ ଝୋଟି, ମୁରୁଜ ଅଙ୍କନ କରାଯାଇଥିଲା । ନବନିଯୁକ୍ତ କୁଳପତି ପ୍ରଫେସର ଅସୀମା ସାହୁଙ୍କ ସମେତ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ଡ. ପଟ୍ଟନାୟକସ୍, କୁଳସଚିବ ମହାଲିକ ପ୍ରମୁଖ ଯୋଗ ଦେଇଥିଲେ।

# ଜିଲାସ୍ତରୀୟ ସି.ଏମ୍ କପ୍: ଖୋ-ଖୋ, ଭଲିବଲ୍ ଉଦ୍‌ଘାଟିତ


ଅତିଥିମାନେ ଖେଳାଳିଙ୍କ ସହ କରମର୍ଦ୍ଦନ କରୁଛନ୍ତି।

ବ୍ରହ୍ମପୁର,୧୫।୪(ସୁବାସ ଚନ୍ଦ୍ର ପାଢ଼ୀ) ସ୍ଥାନୀୟ ମହାତ୍ମାଗାନ୍ଧୀ ଷ୍ଟାଡିୟମ ଠାରେ ଚାଲିଛି ସିଏମ୍ କପ୍। ବୁଧବାର ଖୋ-ଖୋ ଓ ଭଲିବଲ ଖେଳ ଉଦଘାଟିତ ହୋଇଛି। ଫୁଟବଲ ପ୍ରଥମ ମ୍ୟାଚ ଓ. ଏ. ଭି ସ୍କୁଲ ଓ ବାରାର୍କ ଗୋଲଡ଼ ଏଫ.ସି ମଧ୍ୟରେ ଖେଳା ଯାଇଥିଲା ଏବଂ ବାରର୍କ ଗୋଲଡ଼ ୭-୦ ଗୋଲରେ ବିଜୟୀ ହୋଇଛି। ଦ୍ୱିତୀୟ ମ୍ୟାଚ ଖେମୁଣ୍ଡି ଏଫ. ସି ଦଳ ଓ ଡ଼ି. ଏ. ଭି ସ୍କୁଲ ମଧ୍ୟରେ ଖେଳା ଯାଇଥିଲା। ଡ଼ି. ଏ. ଭି ସ୍କୁଲ ୨ -୦ ଗୋଲରେ ବିଜୟୀ ହୋଇଛି। ପ୍ରଥମ ମ୍ୟାଚରେ ଏନ. ଆଇ. ଏସ ଭରୋତ୍ତୋଳ ପ୍ରଶିକ୍ଷକ ସଂଜୀବ କୁମାର ସାହୁ ଓ ଏନ. ଆଇ. ଏସ କୋଚ ପ୍ରଶାନ୍ତ କୁମାର ପାଣିଗ୍ରାହୀ ଏବଂ ଦ୍ୱିତୀୟ ମ୍ୟାଚରେ ଅତିଥି ରୂପେ ମନୋଜ ଚୌହାନ ଓ ନିକିତା ସିଂ ଯୋଗଦେଇଥିଲେ। ବରିଷ୍ଠ ଖେଳାଳି ଏଲ. କେ ରାଓ, ଡି. ଆପା ରାଓ, ବିଜୟ କୁମାର ପଟ୍ଟନାୟକ, କେଦାରନାଥ ଚୌଧୁରୀ, ତାରିଣୀ ସାମନ୍ତରାୟ, ଦୁର୍ଗା ପଟ୍ଟନାୟକ, ଡି.ଡି ଗନ୍ତାୟତ, ଜି. ଏମ. ବାବୁ,ସୀତାରାମ ବ୍ରେତ, ପ୍ରମୋଦ ମହାରଣା ପ୍ରମୁଖ ଯୋଗଦେଇଥିଲେ ବୋଲି କ୍ରୀଡା ସଙ୍ଘ ସାଧାରଣ ସମ୍ପାଦକ ଜେ. କାମେଶ୍ୱର ରାଓ କହିଛନ୍ତି।

# ସବୁଠି ଓଡ଼ିଆର ପ୍ରୟୋଗ ହେଉ



ଭାଷା ଆନ୍ଦୋଳନ ପକ୍ଷରୁ ପୁରୁଣା ବସଷ୍ଟାଣ୍ଡଠାରେ ଭାଷା ଉପରେ ବିତର୍କ।

ବ୍ରହ୍ମପୁର,୧୫।୪(ସୁବାସ ଚନ୍ଦ୍ର ପାଢ଼ୀ) ସ୍ଥାନୀୟ ଓଡିଆ ଭାଷା ଆନ୍ଦୋଳନ ପକ୍ଷରୁ ତ୍ରିନାଥ ମହାରଣାଙ୍କ ଅଧ୍ୟକ୍ଷତାରେ ପୁରୁଣାବସ ଷ୍ଟାଣ୍ଡସ୍ଥିତ ଶଶୀଭୂଷଣ ପ୍ରତିମୂର୍ତ୍ତି ଠାରେ ଓଡ଼ିଆ ନବବର୍ଷ ପାଳିତ ହୋଇଛି। ଭାଷାପ୍ରେମୀ ପଙ୍କଜ କୁମାର ନାୟକ ଦିବସର ତତ୍ପର୍ଯ୍ୟ ବୁଝାଇଥିଲେ। ଏମତି ଅକ ଜିଲାନ, ରବୀନ୍ଦ୍ର ପଣ୍ଡା,ରମେଶ କୁଣ୍ଡୁ, ମୋହନ ଚରଣ ସ୍ୱାଇଁ, ଭଗବାନ ସାହୁ, ଜଗଦୀଶ ଚନ୍ଦ୍ର ଦାଶ, ଶେଷଦେବ ସାହୁ ସରୋଜ କୁମାର ପଟନାୟକ ସବୁଠି ଓଡିଆ ଭାଷାର ବ୍ୟବହାର ସହିତ ନାମଫଳକ, ନିମନ୍ତ୍ରଣପତ୍ର, ଚିଠିପତ୍ର ଓଡ଼ିଆରେ ଲେଖିବାକୁ ଆହ୍ୱାନ ଦେଇଥିଲେ। ନଚେତ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ଦାବି କରାଯାଇଥିଲା। ସଭାପତି ମହାରଣା ୨୦୨୬ ବିଷୁବ ସଂକ୍ରାନ୍ତି ଠାରୁ ୨୦୨୭ ବିଷୁବ ସଂକ୍ରାନ୍ତି ପର୍ଯ୍ୟନ୍ତ ଓଡିଆ ଭାଷା ବର୍ଷରୁପେ ପାଳନ କରିବାକୁ ଘୋଷଣାକରି ବର୍ଷସାରା ବିଭିନ୍ନ କାର୍ଯ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ସୁବାଷ ଚନ୍ଦ୍ର ପଟନାୟକ ଧନ୍ୟବାଦ ଦେଇଥିଲେ ।

# ଯୁରୋ ସ୍କୁଲରେ ଶ୍ରୀୟାଶ୍ରୀ ସାହୁ ପ୍ରଥମ

ଛତ୍ରପୁର,୧୫।୪(ଦିଲ୍ଲୀପ ସାମଲ): ଛତ୍ରପୁର 'ଦିବ୍ୟ ଏଜ ଯୁରୋ ସ୍କୁଲ' ଛାତ୍ରଛାତ୍ରୀଙ୍କ ଦଶମ ଶ୍ରେଣୀ ପରୀକ୍ଷାରେ ସଫଳତା ହାସଲ କରିଛନ୍ତି । ମୋଟ ୩୨ ଛାତ୍ରଛାତ୍ରୀ ଦଶମ ପରୀକ୍ଷା ଦେଇଥିବା ବେଳେ ସେମାନଙ୍କ ମଧ୍ୟରୁ ୨୭ ଜଣ ପ୍ରଥମ ଶ୍ରେଣୀରେ ଉତୀର୍ଣ୍ଣ ହୋଇଛନ୍ତି। ୫ ଜଣ ୯୦ ପ୍ରତିଶତରୁ ଅଧିକ ମାର୍କ ରଖି ଥିବା ବେଳେ ୧୦ ଜଣ ୮୦ ପ୍ରତିଶତରୁ ଅଧିକ, ୮ ଜଣ ୭୦ ପ୍ରତିଶତରୁ ଅଧିକ ଓ ଅନ୍ୟମାନେ ୬୦ ପ୍ରତିଶତରୁ ଅଧିକ ମାର୍କ ରଖି ପାସ ହୋଇଛନ୍ତି । ଶ୍ରୀୟାଶ୍ରୀ ସାହୁ



୯୬ ପ୍ରତିଶତ ମାର୍କ ରଖି ବିଦ୍ୟାଳୟ ଟପ୍ପର ହୋଇଛନ୍ତି। ସେହିପରି ୯୪ ପ୍ରତିଶତରୁ ଅଧିକ ମାର୍କ ରଖି ପାସ ହୋଇଥିବା ଛାତ୍ର ଦେବପ୍ରକାଶ ନନ୍ଦୀ ସାମାଜିକ ବିଜ୍ଞାନ ବିଷୟରେ ୧୦୦ରୁ ୧୦୦ ମାର୍କ ରଖି ସ୍କୁଲ ପାଇଁ ଗୌରବ ଆଣିଛନ୍ତି। ସ୍କୁଲର ଅଧ୍ୟକ୍ଷ ରଞ୍ଜନ ମହପାତ୍ର, ମୁଖ୍ୟ ପୃଷ୍ଠପୋଷକ ସସ୍ମିତା ମହାପାତ୍ର ଓ ପ୍ରିନ୍ସପାଲ ତପସ୍ୱିନୀ ସାହୁ ସମସ୍ତ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କୁ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ।

# ଦୁର୍ଗମ ଅଞ୍ଚଳର ୩.୨୩ ଲକ୍ଷ ଲୋକଙ୍କୁ ସେବା ଯୋଗାଇଲା ଟିପିଏସ୍‌ଓଡିଏଲ୍

ବ୍ରହ୍ମପୁର,୧୫।୪(ସୁବାସ ଚନ୍ଦ୍ର ପାଢ଼ୀ) ଟିପିଏସଓଡିଏଲ ପକ୍ଷରୁ ଦୁର୍ଗମ ଅଞ୍ଚଳରେ ସ୍ୱାସ୍ଥ୍ୟସେବା ଯୋଗାଇଦିଆଯାଇଛି। ବିଶେଷ କରି କୋରାପୁଟ, ମାଲକାନଗିରି, କନ୍ଧମାଳ ଏବଂ ରାୟଗଡ଼ା ଜିଲା ଏହା ଦ୍ୱାରା ଉପକୃତ ହୋଇଛି। ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ସେବା ୟୁନିଟରେ ଜଣେ ଏମବିବିଏସ ଡାକ୍ତର, ନର୍ସ, ଫାର୍ମାସିଷ୍ଟ ଏବଂ ସଚେତକ ରହିଛନ୍ତି । ଏହି ୪ ଜିଲାର ୩,୨୩,୬୭୫ ହିତାଧିକାରୀଙ୍କୁ ସ୍ୱାସ୍ଥ୍ୟ ସେବା ମିଳିଛି। ଗ୍ରାମୀଣ ସ୍ତରରେ ସ୍ୱାସ୍ଥ୍ୟ ସେବାକୁ ସୁଦୃଢ଼ କରିବା ପାଇଁ କମ୍ପାନୀର ଏହା ଏକ ଭଲ ପଦକ୍ଷେପ ବୋଲି କୁହାଯାଇଛି। କୋରାପୁଟରେ ୧,୦୧,୭୭୭, ମାଲକାନଗିରିରେ ୧,୦୬,୧୫୫, ରାୟଗଡ଼ାରେ ୫୩,୧୫୭ ଏବଂ କନ୍ଧମାଳରେ ୬୨,୫୮୬ ହିତାଧିକାରୀଙ୍କ ପାଖରେ ସେବା ପହଞ୍ଚିଛି। ଏହି କ୍ରମରେ ୧,୨୧୩ ସ୍ୱାସ୍ଥ୍ୟ ଶିବିର, ୮୪୩ ସଚେତନତା କାର୍ଯ୍ୟକ୍ରମ ଏବଂ ୬୬ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ଶିବିର ହୋଇଥିଲା। ପ୍ରତିଷେଧକ ସ୍ୱାସ୍ଥ୍ୟସେବା, ଶୀଘ୍ର ନିରାକରଣ ଏବଂ ସ୍ୱଚ୍ଛତା, ପରିମଳ ଓ ପୋଷଣଗତ ସଚେତନତା ଉପରେ ଧ୍ୟାନ ଦିଆଯାଇଛି । ଏ ସମ୍ପର୍କରେ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି, ଆମର ଏମଏଚୟୁ ମାଧ୍ୟମରେ ଦୁର୍ଗମ ଅଞ୍ଚଳର ସମୁଦାୟଙ୍କ ନିକଟରେ ସେବା ପହଞ୍ଚାଇବା ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ।

# ଦଣ୍ଡନାଚ ବେଳେ ମାରପିଟ, ମାମଲା ରୁଜୁ କଲା ପୋଲିସ

ଦିଗପହଣ୍ଡି,୧୫।୪(ଅଶେଷ ନାଥ ମିଶ୍ର) ସାନଖେମୁଣ୍ଡି ବ୍ଲକ୍ ରାମଚନ୍ଦ୍ରପୁର ପଞ୍ଚାୟତ ଭାଲିଆଖୋଲା ଗ୍ରାମରେ ଦଣ୍ଡନାଚ ଚାଲିଥିବା ବେଳେ ମଙ୍ଗଳବାର ରାତି ପ୍ରାୟ ୨ଟାରେ ଠେଲାପେଲାକୁ ନେଇ ଗ୍ରାମର ୨ ଗୋଷ୍ଠୀ ମଧ୍ୟରେ ବଚସା ଓ ମାରପିଟ ହୋଇଥିଲା। ବୁଧବାର ଭୋରରେ ପୁଣି ୨ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ହେବାରୁ ଏଥିରେ ଗୋଟିଏ ଗୋଷ୍ଠୀର ମାଧବ ଗୌଡ଼, ସିମାଞ୍ଚଳ ଗୌଡ଼ ଏବଂ ଅପର ଗୋଷ୍ଠୀର ନରେଶ ଦୋରା, କାହ୍ନା ଦୋରା ଏବଂ ଆକାଶ ଦୋରା ଆହାତ ହୋଇଛନ୍ତି। ଏନେଇ ଉଭୟ ଗୋଷ୍ଠୀ ପକ୍ଷରୁ ପାଟପୁର ଥାନାରେ ଏତଲା ହେବା ପରେ ଆଇଆଇସି ଦୀପ୍ତି ରଞ୍ଜନ ବେହେରା ମାମଲା ନଂ.୯୩/୨୬ ଏବଂ ୯୪/୨୬ ଅନୁଯାୟୀ ଅଭିଯୁକ୍ତ ମାନଙ୍କ ବିରୋଧରେ ପୃଥକ ମକଦ୍ଦମା ରୁଜୁକରି ତଦନ୍ତ ନିମନ୍ତେ ଏଏସଆଇ ରମାକାନ୍ତ ଶବରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ଗୋସାଇଁନୂଆଗାଁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପଞ୍ଚପଦୀ ଅଧିଗମ ପଦ୍ଧତି କାର୍ଯ୍ୟଶାଳା

ବ୍ରହ୍ମପୁର,୧୫।୪(ସୁବାସ ଚନ୍ଦ୍ର ପାଢ଼ୀ) ଗୋସାଇଁନୂଆଗାଁ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ବିଦ୍ୟାଭାରତୀ, ଶିକ୍ଷା ବିକାଶ ସମିତି, ଦକ୍ଷିଣ ପୂର୍ବ ସମ୍ଭାଗ ଆଦି ଜିଲାସ୍ତରୀୟ ପଞ୍ଚପଦୀ ଅଧିଗମ ପଦ୍ଧତି କାର୍ଯ୍ୟଶାଳା ଅନୁଷ୍ଠିତ ହୋଇଯାଇଛି । ପ୍ରଧାନାଚାର୍ଯ୍ୟ ନାରାୟଣ ପଣ୍ଡା ଅତିଥି ପରିଚୟ ଦେଇଥିଲେ । ଦକ୍ଷିଣ ପୂର୍ବ ସମ୍ଭାଗର ସଂପାଦକ ଦୀପକ ମହାରଣା ସ୍ୱାଗତ ଭାଷଣ ଦେଇଥିଲେ । ଦକ୍ଷିଣ ପୂର୍ବ ସମ୍ଭାଗର ସଂଯୋଜକ ପ୍ରକାଶଚନ୍ଦ୍ର ତ୍ରିପାଠୀ ବ୍ୟବସ୍ଥା ସଂପର୍କରେ କହିଥିଲେ । ଶିକ୍ଷା ବିକାଶ ଓଡ଼ିଶାଙ୍କ କାର୍ଯ୍ୟକର୍ତ୍ତା ସମୂହ ସରୋଜ ପଟ୍ଟନାୟକ ( ଗଞ୍ଜାମ ବିଭାଗ ନିରୀକ୍ଷକ), ପଦ୍ମନାଭ ସାମଲ(ଫୁଲବାଣୀ ବିଭାଗ ନିରୀକ୍ଷକ), ଅରୁଣ ବାଗ (ଦକ୍ଷିଣ ପୂର୍ବ ସମ୍ଭାଗ , ଶିଶୁବାଟିକା ପ୍ରମୁଖ), ଆଶିଷ ରଥ( ପ୍ରାନ୍ତୀୟ ବିଦ୍ୟାମନ୍ଦିର ଶୈକ୍ଷିକ ସଂଯୋଜକ)


କାର୍ଯ୍ୟଶାଳାରେ ଉପସ୍ଥିତ ଅତିଥି ଓ ଛାତ୍ରୀମାନେ।

ଯୋଗ ଦେଇଥିଲେ । ସ୍ଥାନୀୟ ବିଦ୍ୟାଳୟର ପରିଚାଳନା ସମିତିର ସଂପାଦକ ପ୍ରକାଶ ଚନ୍ଦ୍ର ପାତ୍ର , ଉପଦେଷ୍ଟା ଭଗବାନ ଚୌଧୁରୀ , ଭାଗିରଥୀ ସାହୁ, କୋଷାଧ୍ୟକ୍ଷ ଦଣ୍ଡପାଣି ସାହୁ , ଉପଦେଷ୍ଟା ଗୀତାଞ୍ଜଳୀ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଦକ୍ଷିଣ ପୂର୍ବ ସମ୍ଭାଗର ବିଭିନ୍ନ ବିଭାଗରୁ ସମସ୍ତ ଶିଶୁ ବିଦ୍ୟା ମନ୍ଦିରର ପ୍ରଧାନଚାର୍ଯ୍ୟା ଓ ଆଚାର୍ଯ୍ୟ ସାମିଲଥିଲେ ଗତ ୧୫ରୁ ଜୁନ ୧୮ଖି ପର୍ଯ୍ୟନ୍ତ ଏହି କାର୍ଯ୍ୟଶାଳା ଅନୁଷ୍ଠିତ ହେବ । ଏଥିରେ ଏନଏଇପି ନୂତନ ଶିକ୍ଷା ପ୍ରଣାଳୀ ସମ୍ବନ୍ଧରେ ଆଲୋଚନା କରାଯିବ । ଜାତୀୟ ଶିକ୍ଷା ନୀତି ଛାତ୍ରଛାତ୍ରୀଙ୍କର ସୃଜନଶୀଳତା, ଚିନ୍ତନକ୍ଷମତା ଏବଂ ବ୍ୟବହାରିକ ଜ୍ଞାନକୁ ପ୍ରୋତ୍ସାହିତ କରିବା ସହ ଭାରତକୁ ଏକ ଜ୍ଞାନଭିତ୍ତିକ ସମାଜ ରୂପେ ଗଢ଼ି ତୋଳିବ। ସରକାର ଜାନୁଆରୀ ୨୦୨୫ରେ ଏନଇପି ୨୦୨୦ କୁ ରାଜ୍ୟରେ କାର୍ଯ୍ୟକାରୀ କରିବା ପାଇଁ ବିଜ୍ଞପ୍ତି ଜାରି କରିଛନ୍ତି। ଏହା ୨୦୨୪-୨୫ ଶିକ୍ଷାବର୍ଷରୁ ଲାଗୁ ହେବ ବୋଲି ଘୋଷଣା ହୋଇଛି। ଆଗାମୀ ୨୦୨୬-୨୭ ଶିକ୍ଷାବର୍ଷରୁ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପାଇଁ ୫୫ଟି ନୂତନ ପାଠ୍ୟପୁସ୍ତକ ପ୍ରଚଳନ କରାଯିବ, ଯାହା ଏନସିଇଆରଟି ଓ ଓଡ଼ିଶା କରିକୁଲମ ଫ୍ରେମୱର୍କ ଅନୁଯାୟୀ ପ୍ରସ୍ତୁତ ହେବ। ଏହି ଅବସରରେ ପ୍ରଥମ କରି ଜାତୀୟ ଶିକ୍ଷା ନୀତି ଉପରେ ଜିଲାର ଶିଶୁମନ୍ଦିର ଆଚାର୍ଯ୍ୟାଆଚାର୍ଯ୍ୟଙ୍କୁ ନେଇ ତିନି ଦିନିଆ ତାଲିମ ଶିବିର ଅନୁଷ୍ଠିତ ହୋଇଛି। ଓଡ଼ିଆ ଭାଷା-ସଂସ୍କୃତି ଏବଂ ଦକ୍ଷତାଭିତ୍ତିକ ଶିକ୍ଷା ଉପରେ ଗୁରୁତ୍ୱ ଦିଆଯାଉଛି। ରାଜ୍ୟରେ ଏକ ଟାସ୍କ ଫୋର୍ସ ଗଠନ କରାଯାଇଛି ଯାହା କାର୍ଯ୍ୟାନ୍ୱୟନକୁ ତ୍ୱରାନ୍ୱିତ କରିବ। ଏନଇପି ୨୦୨୦ ଶିକ୍ଷା ବ୍ୟୟକୁ ଜିଡିପିର ୬ ପ୍ରତିଶତ କରିବାର ଲକ୍ଷ୍ୟ ରଖିଛି। ଏହା ଡ୍ରପଆଉଟ କମାଇବ, ସମାନତା ନିଶ୍ଚିତ କରିବ ଏବଂ ପ୍ରଯୁକ୍ତିବିଦ୍ୟାର ସମନ୍ୱୟ କରିବା ଉପରେ ଜୋର୍ ଦେଇଛି।

# ଗଛରୁ ପଡ଼ି ବୃଦ୍ଧଙ୍କ ମୃତ୍ୟୁ

ଦିଗପହଣ୍ଡି,୧୫।୪(ଅଶେଷ ନାଥ ମିଶ୍ର) ଦିଗପହଣ୍ଡି ବ୍ଲକ୍ ବିଜୟ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ ବନମାଳୀ ଗ୍ରାମରେ ବୁଧବାର ସକାଳେ ଗଛରୁ ପଡ଼ି ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଗ୍ରାମର ଗଣେଶ ସାହୁ(୬୩)। ଗଣେଶ ଘର ନିକଟରେ ଥିବା ଗଛରୁ ଡ଼ାଳ ହାଣୁଥିବା ବେଳେ ଅସାବଧାନତା କାରଣରୁ ଗଛରୁ ପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବମୋକେଇ ଗ୍ରାମ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ଘଟିଥିଲା। ଏନେଇ କେ.ନୂଆଗାଁ ଥାନାରେ ଏତଲା ହେବାପରେ ଆଇଆଇସି ବିଶ୍ୱଜିତ ନାୟକ ଅପମୃତ୍ୟୁ ମାମଲା ନଂ.୨/୨୬ ଅନୁଯାୟୀ ମକଦ୍ଦମା ରୁଜୁ କରିଥିଲେ। ତଦନ୍ତକାରୀ ଅଧିକାରୀ ଏଏସଆଇ ସିଏଚ୍.ତାରକେଶ୍ୱର ରାଓ ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରି ସେଠାରେ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ।



